# ସତ୍ୟବାକ୍ୟ

# THE WORD OF TRUTH

An Oriya Bimonthly Bulletin published by the

**CHURCH OF CHRIST**

NOVEMBER & DECEMBER 2019

# THE VOICE OF TRUTH

Edited and Published By

***Joshua & Kabita Gootam***



## CHURCH OF CHRIST

P.O. Box - 80, Kakinada, A.P. 533 001.

Ph : 0884-2363722



**Vol-25. Nov & Dec. 2019. No-6**

*Published every two months in **Oriya** language for the Restoration of the pure New Testament Christianity*


*Write for free Bible Correspondence course*

*in*

*Telugu & Oriya to :*

**The Director**

Bible Correspondence Course

P.O.Box. 80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XXV KAKINADA NOV-DEC-2019


## ମଣ୍ଡଳୀ ଇତିହାସ
### (The History of the Church)

ଖ୍ରୀଷ୍ଟଙ୍କ ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଆରମ୍ଭ ବିଷୟରେ ଆମ୍ଭେମାନେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକର ୨ୟ ଅଧ୍ୟାୟରେ ପଢ଼ିଥାଉଁ । ପେଣ୍ଟିକଷ୍ଟ ଦିନରେ ଅନେକ ଦେଶର ଅନେକ ଭାଷାବାଦୀ ଯିରୁଶାଲମରେ ଉପସ୍ଥିତ ହେବା ସମୟରେ, ଭାବବାଦୀ ଯୋୟେଲଙ୍କ ଭାବବାଣୀର ସଫଳ ହୋଇଥିଲା । ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ବିଭିନ୍ନ ଭାଷାରେ କଥା କହିଥିଲେ । ଖ୍ରୀଷ୍ଟଙ୍କ ମରଣ, ସମାଧି ଓ ପୁନଃରୁଥାନ ପରେ ପ୍ରଥମ ଥର ପାଇ ପ୍ରେରିତ ପିତରଙ୍କ ଦ୍ୱାରା ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯାଇଥିଲା । ତାହାଙ୍କ ପ୍ରସଙ୍ଗ ୩୦୦୦ ଯିହୂଦୀମାନଙ୍କ ହୃଦୟ ସ୍ପର୍ଶ କରିଥିଲା । ସେମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହୋଇ ଖ୍ରୀଷ୍ଟଙ୍କ ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ । ଯିରୁଶାଲମ ଠାରୁ ସମଗ୍ର ଯିହୂଦା ପ୍ରଦେଶକୁ, ଶମୋରିୟା ଓ ପୃଥିବୀର ସମସ୍ତ ଦେଶ, ସମସ୍ତ ଜାତି ଖ୍ରୀଷ୍ଟଙ୍କ ସୁସମାଚାର ଶୁଣିପାରିଲେ । (ପ୍ରେରିତ ୧:୮, ମାଥିଉ ୨୮:୧୯, ୨୦, ମାର୍କ ୧୬:୧୫, ୧୬, କଲସୀ ୧:୨୩) ।

ପ୍ରେରିତମାନଙ୍କ ଜୀବନକାଳରେ ମଣ୍ଡଳୀ ଅଭିବୃଦ୍ଧି ପାଇ ବ୍ୟାପିଥିଲା । ପାଉଲଙ୍କ ମନପରିବର୍ତ୍ତନ ପରେ, ତାହାଙ୍କ ତିନୋଟି ସୁସମାଚାର ଯାତ୍ରା ପ୍ରତିଫଳନ ଯିହୂଦୀ ତଥା ବିଜାତିମାନେ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ହୋଇ ପାରିଥିଲେ । ଏସିଆ ଓ ଇଉରୋପର ଅନେକ ଅଞ୍ଚଳରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ଏହି କାର୍ଯ୍ୟ ସେତେ ସହଜ ନଥିଲା, କାରଣ ମଣ୍ଡଳୀକୁ ତାଡ଼ନା ଘଟିଲା । ସର୍ବପ୍ରଥମେ, ଯିରୁଶାଲମରେ ଥିବା ମଣ୍ଡଳୀ ପ୍ରତି ତାଡ଼ନା ଘଟିଲା । ଏତଦ୍ୱାରା ଶିଷ୍ୟମାନେ

ବିଭିନ୍ନ ସ୍ଥାନରେ ଛିନ୍ନଭିନ୍ନ ହୋଇଗଲେ ଓ ସେହି ସ୍ଥାନମାନଙ୍କରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କଲେ । (ପ୍ରେରିତ ୮:୧-୪) ରୋମୀୟମାନେ ସେମାନଙ୍କ ଆପଣା ସମସ୍ୟା ହେତୁ ଖ୍ରୀଷ୍ଟିୟାନମାନଙ୍କ ନିନ୍ଦା କରି, ସେମାନଙ୍କୁ ଦଣ୍ଡ ଦେବାକୁ ଲାଗିଲେ । ପାଉଲ ବନ୍ଦୀ ହୋଇ ରୋମରେ ବିଚାରିତ ହେଲେ । ପ୍ରେରିତ ଯୋହନଙ୍କ ବ୍ୟତୀତ ଅନ୍ୟମାନେ ଖ୍ରୀଷ୍ଟଙ୍କ ନିମନ୍ତେ ହତସାକ୍ଷୀ ହେଲେ ବୋଲି ଜଗତ ଇତିହାସରୁ ଜାଣିପାରୁ । ସହସ୍ର ସହସ୍ର ଖ୍ରୀଷ୍ଟିୟାନମାନେ ଆପଣା ବିଶ୍ୱାସ ହେତୁ ଆପଣା ପ୍ରାଣ ହରାଇଥିଲେ ।

ଅନେକ ତାଡ଼ନା ସତ୍ତ୍ୱେ ମଣ୍ଡଳୀ ବୃଦ୍ଧି ପାଇ ବ୍ୟାପିଗଲା । ରୋମୀୟ ସାମ୍ରାଜ୍ୟର ତାଡ଼ନା ଯୋଗୁଁ ମଣ୍ଡଳୀ ନ ଭାଙ୍ଗି, ମଣ୍ଡଳୀର ଆପଣା ସମସ୍ୟା ଯୋଗୁଁ ମଣ୍ଡଳୀରେ ବିଭାଜନ ଆସିଲା । ଖ୍ରୀଷ୍ଟିୟାନମାନେ ବିଶ୍ୱାସ ତ୍ୟାଗ କରିବେ ବୋଲି ପ୍ରେରିତ ପାଉଲ ଆପଣା ପତ୍ରିକା ଦ୍ୱାରା ସତର୍କ କରିଥିଲେ । ସେ ଲେଖନ୍ତି, "ହେ ଭାଇମାନେ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନ ଓ ତାହାଙ୍କ ନିକଟରେ ଆମ୍ଭମାନଙ୍କ ଏକତ୍ର ହେବା ସମ୍ବନ୍ଧରେ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛୁ । ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି ତୁମ୍ଭେମାନେ କୌଣସି ଆତ୍ମା କି ବାକ୍ୟ କି ଆମ୍ଭମାନଙ୍କ ଦ୍ୱାରା ଲିଖିତ ବୋଲି ମନେ କରି କୌଣସି ପତ୍ର ଦ୍ୱାରା ଶୀଘ୍ର ବିଚଳିତ ଓ ଉଦ୍‌ବିଗ୍ନ ନ ହୁଅ । କେହି କୌଣସି ପ୍ରକାରେ ତୁମ୍ଭମାନଙ୍କର ଭ୍ରାନ୍ତି ନ ଜନ୍ମାଉ, କାରଣ ପ୍ରଥମେ ଧର୍ମଚ୍ୟୁତି ଘଟିବ, ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ, ନହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ନାହିଁ । ସେ ଈଶ୍ୱରଙ୍କ ନାମରେ ଖ୍ୟାତ ବା ପୂଜିତ ସମସ୍ତଙ୍କ ବିରୋଧୀ ହୋଇ ନିଜକୁ ସେମାନଙ୍କ ଠାରୁ ଉନ୍ନତ କରେ, ଏପରିକି ଈଶ୍ୱରଙ୍କ ମନ୍ଦିରରେ ବସି ସେ ଆପଣାକୁ ଈଶ୍ୱର ବୋଲି ଦେଖାଏ । ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ଏହିସବୁ ବିଷୟ ଯେ ତୁମ୍ଭମାନଙ୍କୁ ଥରକୁ ଥର କହିଥିଲି, ତାହା କଅଣ ତୁମ୍ଭମାନଙ୍କର ସ୍ମରଣ ନାହିଁ ? ଆଉ ସେ ନିରୁପିତ ସମୟରେ ପ୍ରକାଶିତ ହେବା ନିମନ୍ତେ କଅଣ ବାଧା ଦେଉଅଛି । ତାହା ତ' ତୁମ୍ଭେମାନେ ଜାଣ । କାରଣ ଅଧର୍ମର ନିଗୁଢ଼ ତତ୍ତ୍ୱ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଅଛି, ବାଧା ଦେଉଥିବା ବ୍ୟକ୍ତି ଦୂରୀକୃତ ନ ହେବା ପର୍ଯ୍ୟନ୍ତ ତାହା କାର୍ଯ୍ୟ କରୁଥିବ । ସେତେବେଳେ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବ, ତାହାକୁ ପ୍ରଭୁ ଯୀଶୁ ଆପଣା ମୁଖର ନିଃଶ୍ୱାସ ଦ୍ୱାରା ସଂହାର କରିବେ ଓ

ଆପଣା ଆଗମନର ପ୍ରକାଶ ଦ୍ୱାରା ବିନାଶ କରିବେ । ଶୟତାନର ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା ଶକ୍ତି, ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିନାଶ ପାତ୍ରମାନଙ୍କ ନିକଟରେ ସମସ୍ତ ପ୍ରକାର ଅଧର୍ମର ଛଳନା ସହକାରେ ସେହି ଅଧର୍ମ ପୁରୁଷର ଆଗମନ ହେବ । କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି । ଆଉ, ଏଥି ସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥି ନିମନ୍ତେ ''ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି, ଯେପରିକି ଯେଉଁମାନେ ସତ୍ୟରେ ବିଶ୍ୱାସ ନ କରି ଅଧର୍ମରେ ସନ୍ତୁଷ୍ଟ ହୋଇଅଛନ୍ତି, ସେମାନେ ଦଣ୍ଡର ପାତ୍ର ହୁଅନ୍ତି ।'' (୨ ଥେସଲନୀକୀ ୨:୧-୨) ଭ୍ରାନ୍ତମୟ ଆତ୍ମା ସେ ସମୟରୁ କାର୍ଯ୍ୟ କରିଆସୁଅଛି । ଏ ବିଷୟରେ ପାଉଲ ତୀମଥିଙ୍କୁ ଲେଖନ୍ତି,''ଆତ୍ମା ସ୍ପଷ୍ଟରୂପେ କହୁଅଛନ୍ତି, ଉତ୍ତର କାଳରେ କେହି କେହି କେହି ଭ୍ରଷ୍ଟବିବେକ ମିଥ୍ୟାବାଦୀ ଲୋକମାନଙ୍କ କପଟପଣରେ ଭ୍ରାନ୍ତିଜନକ ଆତ୍ମାମାନଙ୍କ ପ୍ରତି ଓ ଦୂତମାନଙ୍କ ଶିକ୍ଷା ପ୍ରତି ମନୋଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ । ସେହି ମିଥ୍ୟାବାଦୀମାନେ ବିବାହ ନିଷେଧ କରନ୍ତି, ପୁଣି ବିବିଧ ଖାଦ୍ୟ ପଦାର୍ଥରୁ ପୃଥକ ରହିବା ନିମନ୍ତେ ଶିକ୍ଷା ଦିଅନ୍ତି । ବିଶ୍ୱାସୀ ଓ ସତ୍ୟ ଜାଣିଥିବା ଲୋକମାନଙ୍କ ଦ୍ୱାରା ଧନ୍ୟବାଦ ସହ ଭୋଜନ କରାଯିବା ନିମନ୍ତେ ଈଶ୍ୱର ଏସବୁ ତ' ସୃଷ୍ଟି କରିଅଛନ୍ତି ।'' (୧ମ ତୀମଥି ୪:୧-୩) ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ ପାଉଲ ଲେଖିଲେ,''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ । ମୋର ପ୍ରସ୍ଥାନ ପରେ ଦୁରନ୍ତ ବାଘଗୁଡ଼ିକ ଯେ ତୁମ୍ଭମାନଙ୍କ ମଧ୍ୟରେ ପ୍ରବେଶ କରି ପଲ ପ୍ରତି ନିର୍ଦ୍ଦୟ ବ୍ୟବହାର କରିବେ । ପୁଣି, ତୁମ୍ଭମାନଙ୍କ ମଧ୍ୟରୁ ସୁଦ୍ଧା ଲୋକେ ଉଠି ଶିଷ୍ୟମାନଙ୍କୁ ଆପଣାମାନଙ୍କ ପଛରେ ଟାଣି ନେବା ନିମନ୍ତେ ବିପରୀତ କଥାଗୁଡ଼ିକ କହିବେ, ଏହା ମୁଁ ଜାଣେ । ଅତଏବ, ତୁମ୍ଭେମାନେ ଜାଗିରୁହ, ଆଉ ମୁଁ ଜାଣେ । ଅତଏବ ତୁମ୍ଭେମାନେ ଜାଗିରୁହ, ଆଉ ମୁଁ ତିନିବର୍ଷ ପର୍ଯ୍ୟନ୍ତ ଦିବାରାତ୍ର ଅଶ୍ରୁପାତ ସହିତ ପ୍ରତ୍ୟେକ

ଜଣକୁ ଚେତନା ଦେବାକୁ ଯେ କ୍ଷାନ୍ତ ହୋଇନଥିଲି, ଏହା ସ୍ମରଣ କର ।''
(ପ୍ରେରିତ ୨୦:୨୮-୩୧)

ପାଉଲ ସତର୍କନୁଯାୟୀ ମଧ୍ୟରୁ ଲୋକେ ଅନେକ ଖ୍ରୀଷ୍ଟିୟାନମାନଙ୍କୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାରେ ବିମୁଖ କରିଥିଲେ । ମଣ୍ଡଳୀର ପାଳନ ପଦ୍ଧତିରେ ପ୍ରଥମେ ପରିବର୍ତ୍ତନ ଆସିଥିଲା । ପରମେଶ୍ୱରଙ୍କ ପାଳନ ପଦ୍ଧତିନୁଯାୟୀ, ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ସ୍ୱାଧୀନ ରହିବା ଆବଶ୍ୟକ । ପ୍ରତ୍ୟେକ ସ୍ଥାନୀୟ ମଣ୍ଡଳୀ ଆପଣା ଆପଣା ଅଧ୍ୟକ୍ଷ ଓ ସେବକ ନିଯୁକ୍ତ କରିବା ଆବଶ୍ୟକ । କିନ୍ତୁ କାଳକ୍ରମେ ସଭ୍ୟମାନେ ଏକ ବ୍ୟକ୍ତିକୁ ପ୍ରାଚୀନ ଓ ବିଷପ ରୂପେ ମନୋନୀତ କରି, ତାହାଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଆରମ୍ଭ କଲେ । ତଦ୍ୱାରା ଖ୍ରୀଷ୍ଟଙ୍କ ମଣ୍ଡଳୀଗୁଡ଼ିକ ଏକ ବ୍ୟକ୍ତିଙ୍କ ଦ୍ୱାରା ପ୍ରତିପାଳିତ ହେଲେ । ଏହି ପତନ ଗୋଟିଏ ଦିନରେ ହୋଇନଥିଲା, କିନ୍ତୁ କାଳକ୍ରମେ ଅର୍ଥାତ୍ ଖ୍ରୀଷ୍ଟ ୬୦୬ ମସିହାରେ ପ୍ରଥମ ପୋପ୍ ନିର୍ବାଚିତ ହେଲେ । ଏହା କାଥଲିକ ମଣ୍ଡଳୀର ବୋଲି ଆମ୍ଭେମାନେ ପ୍ରତ୍ୟେକ ଜାଣୁ । କଅଣ ହେଲା ଖ୍ରୀଷ୍ଟଙ୍କ ମଣ୍ଡଳୀର ସତ୍ତା ?

ବିଶ୍ୱସ୍ତ ଅଳ୍ପ କେତେକ ଖ୍ରୀଷ୍ଟିୟାନମାନେ ସତ୍ୟ ଉପାସନା କଲେ ଓ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଲୁପ୍ତ ନୋହିଲା । କାରଣ ଯେଉଁ ମଣ୍ଡଳୀ ଖ୍ରୀଷ୍ଟଙ୍କ ରାଜ୍ୟ ଅଟେ, ତାହା କଦାପି ବିଲୁପ୍ତ ନୋହିବ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି ।

ଧର୍ମ ଜଗତରେ କାଥଲିକ ମଣ୍ଡଳୀର ପ୍ରଭାବ ଗୁରୁତର । ଶତାବ୍ଦୀ ଧରି କାଥଲିକ ମଣ୍ଡଳୀ ମନୁଷ୍ୟମାନଙ୍କ ଜୀବନ ଉପରେ ପ୍ରଭାବିତ କରିଥିଲା । ଏହା ଅନ୍ଧକାରର ଯୁଗ ବୋଲି କୁହାଯାଏ, କାରଣ ଏହି ଯୁଗରେ ସାଧାରଣ ସଭ୍ୟମାନେ ବାଇବଲ ପଢ଼ିବାର ସୁଯୋଗ ପାଇଲେ ନାହିଁ । ମଣ୍ଡଳୀ ଦ୍ୱାରା ଯାଜକମାନେ ବାଇବଲ ପଢ଼ି ସଭ୍ୟମାନଙ୍କୁ ବିବରଣ ଦେବାର ପ୍ରଥାରେ, ଯାଜକମାନେ ଆପଣା ଆପଣା ସ୍ୱନୀତି ମନୁଷ୍ୟମାନଙ୍କୁ ଶିକ୍ଷା ଦେଲେ ।

ଢ଼ଳା ବାପ୍ତିସ୍ମ ଓ ଯାନ୍ତ୍ରିକ ବାଦ୍ୟଯନ୍ତ୍ରର ବ୍ୟବହାର ବିଷୟ ନେଇ କାଥଲିକ ମଣ୍ଡଳୀ, ରୋମୀୟ ଓ ଗ୍ରୀକ୍ ନାମରେ ବିଭକ୍ତ ହେଲେ । କାଳକ୍ରମେ ରୋମାନ୍ କାଥଲିକ ମଣ୍ଡଳୀ ଅନେକ ନିୟମାବଳୀ, ପ୍ରଥା ଯୋଗ କଲେ । ସିଦ୍ଧାନ୍ତଭାବେ ଓ ନୈତିକଭାବେ ଏହି ମଣ୍ଡଳୀ ଅତିଶୟ ପତିତ ହେବାରୁ ମାର୍ଟିନ ଲୁଥର ନାମକ ଏକ

ଯାଜକ ଏହି ମଣ୍ଡଳୀକୁ ସଂସ୍କାର କରିଥିଲେ । ତଦ୍ୱାରା ସେ ବହିଷ୍କୃତ ହୋଇଥିଲେ ଓ ସେ ଜାଣିଥିବା ସତ୍ୟ ସ୍ୱାଧୀନ ଭାବେ ଶିକ୍ଷା ଦେବା ନିମନ୍ତେ ରୋମାନ୍ କାଥଲିକ ମଣ୍ଡଳୀ ତ୍ୟାଗ କରିଥିଲେ । ଏହି ଉଦ୍ୟମ ଦ୍ୱାରା Reformation ବା Protestantismର ଜନ୍ମ ହେଲା । ଏହା ହିଁ ଅନୁଧ୍ୱକ ମତଶାଖା ଜଗତର ଆରମ୍ଭ । ଲୁଥରଙ୍କ ସଂଗ୍ରାମ ପ୍ରତିଫଳେ ଜଗତର ଅନେକେ ବାଇବଲର ଶିକ୍ଷାକୁ ଫେରିଯିବାକୁ ମନସ୍ଥ କଲେ ସୁଦ୍ଧା ସମ୍ପୂର୍ଣ୍ଣଭାବେ ଫେରି ପାରିନଥିଲେ ।

ସପ୍ତାଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଆମେରିକା ଓ ଇଉରୋପ ଦେଶମାନଙ୍କରେ ଖ୍ରୀଷ୍ଟିୟାନମାନେ ମତଶାଖା ସମ୍ବନ୍ଧୀୟ ବିଭେଦ ଓ ବିବାଦ ଦୂରରେ ରହି, ସତ୍ୟ ବାକ୍ୟକୁ ଫେରିବାକୁ ମନସ୍ଥ କଲେ । ଅନ୍ୟ ଏକ ମତଶାଖା ସ୍ଥାପନ କରିବା ସେମାନଙ୍କ ଯୋଜନା ନଥିଲା, କିନ୍ତୁ ଶାସ୍ତ୍ରରେ ବର୍ଣ୍ଣିତ ମଣ୍ଡଳୀକୁ ଫେରିଯିବା ନିମନ୍ତେ ମନସ୍ଥ କରିଥିଲେ । ସେମାନେ ପୁରାତନ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ହୋଇ ସହସ୍ର ସହସ୍ର ବ୍ୟକ୍ତିମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିବାରେ ସକ୍ଷମ ହେଉଅଛନ୍ତି । ଜଗତର ଅସଂଖ୍ୟ ଲୋକେ ଖ୍ରୀଷ୍ଟଙ୍କ ସୁସମାଚାର ଶୁଣି ଆଜ୍ଞାବହ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି । ଏମାନଙ୍କ ନିମନ୍ତେ ବାଇବଲ ବାକ୍ୟ ହିଁ ପଥପ୍ରଦର୍ଶକ । ଜଗତର ବିଭିନ୍ନ ଦେଶରେ ସତ୍ୟ, ଶୁଦ୍ଧ ସୁସମାଚାର ପ୍ରଚାର କରିବାକୁ ପ୍ରସ୍ଥାନ କରିଥିବା ଖ୍ରୀଷ୍ଟିୟାନମାନେ, ଆଫ୍ରିକା, ଭାରତ ଦେଶ, ଋଷ, ପୋଲାଣ୍ଡ ପ୍ରଭୃତି ଦେଶମାନଙ୍କରେ ଖ୍ରୀଷ୍ଟିୟାନମାନଙ୍କସନ୍ଧାନ ପାଇ ଆନନ୍ଦିତ ହୋଇଅଛନ୍ତି । ଆଜିର ଖ୍ରୀଷ୍ଟଙ୍କ ମଣ୍ଡଳୀ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ପୁରାତନ ମଣ୍ଡଳୀ, କାରଣ ଏହା ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀ ପଦ୍ଧତି ଅନୁସରଣ କରେ । ଈଶ୍ୱରଙ୍କ ବାକ୍ୟ ବୀଜ ଅଟେ । ଏହି ବୀଜ ପ୍ରେରିତମାନଙ୍କ ଜୀବନାବଧିରେ ଯେଉଁ ଫଳ ଫଳିଥିଲା, ଏବେ ହିଁ ସେହି ଫଳ ଫଳୁଅଛି । ଖ୍ରୀଷ୍ଟଙ୍କ ରାଜ୍ୟ ଅନନ୍ତକାଳସ୍ଥାୟୀ । ସ୍ଥାପିତ ହେବା ଦିନରୁ ଆରମ୍ଭ କରି ଅନନ୍ତକାଳ ପର୍ଯ୍ୟନ୍ତ ସ୍ଥିର ହୋଇ ରହିବ । ଶୟତାନର କୌଣସି ବଳ ଏହା ବିରୁଦ୍ଧରେ ଠିଆ ହୋଇପାରିବ ନାହିଁ । ଏହା ଖ୍ରୀଷ୍ଟଙ୍କ ରାଜ୍ୟ, ତାହାଙ୍କ ମଣ୍ଡଳୀ । ଏହା ସଦା ବିଜୟୀ ଓ ଶେଷରେ ସଦାପ୍ରଭୁଙ୍କ ସହିତ ସଦାକାଳ ବାସ କରିବ ।

*-J.C. Choate*

# ଆପଣଙ୍କ ନାମ କି ସେଠାରେ ଲିଖିତ ଅଛି ?
## (Is your name written there ?)

ଆକାଶ, ଜଳ, ଅଗ୍ନି, ସମୟ, ବର୍ଷା ଛଡ଼ା ଏହି ଜଗତରେ ପ୍ରତ୍ୟେକ ବିଷୟରେ ନାମ ରହିଅଛି । ଧନୀ ବା ଦରିଦ୍ର, ଉଚ୍ଚ ବା ନୀଚ, ଗୋରା ବା କଳା, ଶିକ୍ଷିତ ବା ଅଶିକ୍ଷିତ, ପ୍ରତ୍ୟେକ ଆପଣା ଆପଣା ନାମ ଦ୍ୱାରା ଏହି ଜଗତରେ ପରିଚିତ । କେତେକ ନାମର ଅର୍ଥ ଥାଏ, ବେଳେବେଳେ ନାମର କୌଣସି ଅର୍ଥ ନଥାଏ । ପଦାର୍ଥ, ପଶୁପକ୍ଷୀ, ବୃକ୍ଷଲତା, ମନୁଷ୍ୟ ପ୍ରଭୃତିକୁ ନାମ ଦ୍ୱାରା ଆମ୍ଭେମାନେ ଜାଣୁ । ଆମ୍ଭମାନଙ୍କ ନାମ ଆମ୍ଭମାନଙ୍କ ଜନ୍ମଦାତା ପ୍ରଦାନ କରନ୍ତି । ଜଗତର ପ୍ରଥମ ପୁରୁଷ ସୃଷ୍ଟି କରି ସଦାପ୍ରଭୁ ତାହାଙ୍କ ନାମ "ଆଦମ" (ମନୁଷ୍ୟ) ଓ ହବା (ଜୀବନ) ନାମ ଦେଲେ । (ଆଦି ୨:୨୦) । ସଦାପ୍ରଭୁଙ୍କ ସୃଷ୍ଟି ପ୍ରତ୍ୟେକ ଜୀବ ଆଦମଙ୍କ ଦ୍ୱାରା ନାମିତ ହୋଇଥିଲେ । ପୁରାତନ ନିୟମରେ ଦତ୍ତ କେତୋଟି ନାମ ଓ ତାହାର ଅର୍ଥ :-

କୟୀନ : ଲାଭ (ଆଦି ୪:୧), ହେବଲ : ଅସ୍ଥାୟୀ (ଆଦି ୪:୨), ଶେଥ: ପ୍ରତିନିଧି (ଆଦି ୪:୨୫), ନୋହ : ସାନ୍ତ୍ୱନା (ଆଦି ୫:୨୮), ଅବ୍ରାହମ : ଅନେକଙ୍କ ପିତା (ଆଦି ୧୭:୫), ସାରା : ରାଣୀ (ଆଦି ୧୭:୫), ଇଶ୍ମାୟେଲ୍ : ସଦାପ୍ରଭୁ ଶୁଣନ୍ତି (ଆଦି ୧୭:୧୬), ଇସ୍‌ହାକ : ହାସ୍ୟ (ଆଦି ୨୧:୩), ଏଷୌ : ଲୋମବ୍ୟାପ୍ତ (ଆଦି ୨୫:୨୬), ଯାକୁବ : ସଦାପ୍ରଭୁ ପ୍ରହାରକ (ଆଦି ୨୫:୨୬), ଇଶ୍ରାଏଲ୍ : ପରମେଶ୍ୱରଙ୍କ ସହିତ ଯୋଦ୍ଧା (ଆଦି ୩୨:୨୮) । ଇଶ୍ରାଏଲ୍‌ଙ୍କ ପୁତ୍ରମାନଙ୍କ ନାମ ଓ ତାହାର ଅର୍ଥ (ଆଦି ୨୯:୩୧ ରୁ ୩୦:୧-୨୪), ମନଃଶି : ବିସ୍ମୃତି (ଆଦି ୪୨:୫୧), ଇଫ୍ରାଇମ୍ : ଅଭିବୃଦ୍ଧି (ଆଦି ୪୨:୫୨), ମୋଶା: ଆକର୍ଷିତ (ଯାତ୍ରା ୨:୧୦), ଶାମୁୟେଲ : ପରମେଶ୍ୱରଙ୍କ ଦତ୍ତ (୧ମ ଶାମୁୟେଲ ୧:୨୦) ।

ମନୁଷ୍ୟଦତ୍ତ ନାମମାନଙ୍କର ବିଶେଷତ୍ୱ ରହିଛି କିନ୍ତୁ ସଦାପ୍ରଭୁଙ୍କ ନାମ ମହାନ୍, ଗୌରବମୟ, ମହିମାମୟ, ପବିତ୍ର, ଅନନ୍ତକାଳସ୍ଥାୟୀ । ସେ ଆପଣା

ନାମ ସର୍ବସୃଷ୍ଟିରେ ମହାନ୍ କରିଅଛନ୍ତି । "ହେ ସଦାପ୍ରଭୁ ଆମ୍ଭମାନଙ୍କର ପ୍ରଭୁ, ସମୁଦାୟ ପୃଥିବୀରେ ତୁମର ନାମ କିପରି ମହିମାନ୍ୱିତ । ତୁମ୍ଭେ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ" (ଗୀତ ୮:୧) । ସେ ମୋଶାଙ୍କୁ ଆପଣା ନାମ ଜଣାଇ କହିଲେ, ".......ଆମ୍ଭେ ଯିହୋବାଃ ସର୍ବଶକ୍ତିମାନ ପରମେଶ୍ୱର ବୋଲି ଦର୍ଶନ ଦେଇଥିଲୁ, ମାତ୍ର ଆମ୍ଭେ ଆପଣା ନାମ ଯିହୋବାଃ ନାମରେ ସେମାନଙ୍କୁ ପରିଚୟ ଦେଇ ନଥିଲୁ । " (ଯାତ୍ରା ୬:୩) ସଦାପ୍ରଭୁଙ୍କ ନାମ "ପବିତ୍ର ବୋଲି ମାନ୍ୟ ହେଉ" ବୋଲି ଯୀଶୁଖ୍ରୀଷ୍ଟ ଆପଣା ନମୁନା ପ୍ରାର୍ଥନାରେ ଶିଷ୍ୟମାନଙ୍କୁ ଶିଖାଇଥିଲେ । (ମାଥିଉ ୬:୯) ଯେଉଁମାନେ ସଦାପ୍ରଭୁଙ୍କ ନାମ ଅକାରଣରେ ନିଅନ୍ତି, ସେମାନେ ନିରୋପରାଧି ବୋଲି ଗଣନା କରାଯିବେ ନାହିଁ ବୋଲି ଦଶ ଆଜ୍ଞାର ଏକ ଆଜ୍ଞା । (ଯାତ୍ରା ୨୦:୭) "ସଦାପ୍ରଭୁଙ୍କ ନାମ ଦୃଢ଼ଗଡ଼, ଧାର୍ମିକ ଲୋକ ତହିଁରେ ପଳାଇ ରକ୍ଷା ପାଏ ।" (ହିତ ୧୮:୧୦)

ବାପ୍ତିଜକ ଯୋହନ ଓ ଯୀଶୁଖ୍ରୀଷ୍ଟଙ୍କ ନାମ ସେମାନେ ଜନ୍ମ ହେବା ପୂର୍ବେ ସଦାପ୍ରଭୁ ଦେଇଥିଲେ । "......ତାହାଙ୍କ ନାମ ଯୀଶୁ ଦେବ କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।" (ମାଥିଉ ୧:୨୧) ତାହାଙ୍କ ଅନ୍ୟ ନାମ "ଇମ୍ମାନୁୟେଲ୍" ଅର୍ଥାତ୍ "ଆମ୍ଭମାନଙ୍କ ସହିତ ଈଶ୍ୱର" (ମାଥିଉ ୧:୨୩) ତାହାଙ୍କ ନାମରେ ପାପକ୍ଷମା ଓ ପରିତ୍ରାଣ ଅଛି । "........ଏହି ପ୍ରକାରେ ଲେଖାଅଛି, ଖ୍ରୀଷ୍ଟ ଦୁଃଖ ଭୋଗ କରିବେ ଓ ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ପୁନଃରୁଥାନ କରିବେ, ପୁଣି ଯିରୁଶାଲମରୁ ଆରମ୍ଭ କରି ସମସ୍ତ ଜାତିଙ୍କ ନିକଟରେ ତାହାଙ୍କ ନାମରେ ପାପକ୍ଷମା ନିମନ୍ତେ ମନ ପରିବର୍ତ୍ତନର ପ୍ରସଙ୍ଗ ଘୋଷଣା କରାଯିବ ।" (ଲୁକ ୨୪:୪୭) ସମସ୍ତ ଦେଶ ଓ ସମସ୍ତ ଜାତିର ଲୋକ ତାହାଙ୍କ ନାମରେ ବାପ୍ତିଜିତ ହେଲେ । ପରିତ୍ରାଣ ପ୍ରାପ୍ତ ହେବେ ।" (ମାଥିଉ ୨୮:୧୯) । ପ୍ରେରିତ ପାଉଲ ଯିରୁଶାଲମରେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ ।" (ପ୍ରେରିତ ୨:୩୮) । କାରଣ "ତାହାଙ୍କ ଛଡ଼ା ଆଉ କାହାଠାରେ ପରିତାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।" (ପ୍ରେରିତ ୪:୧୨) । ସେ ମରଣ ପର୍ଯ୍ୟନ୍ତ ପିତା ପରମେଶ୍ୱରଙ୍କ ଆଜ୍ଞାବହ

ହୋଇଥିବାରୁ, ସେ ତାହାଙ୍କୁ ସର୍ବୋତ୍କୃଷ୍ଟ ନାମରେ ଅଧିକାରୀ ଦେଇଅଛନ୍ତି । (ଫିଲିପ ୨:୧୯) । ତାହାଙ୍କ ନାମରେ ଏକତ୍ରିତ ଲୋକମାନଙ୍କ ମଧ୍ୟରେ ସେ ଉପସ୍ଥିତ ହେବେ ବୋଲି ପ୍ରତିଜ୍ଞା କରିଅଛନ୍ତି । (ମାଥିଉ ୧୮:୨୦)

ପ୍ରେରିତମାନେ ଖ୍ରୀଷ୍ଟଙ୍କ ନାମରେ ଏହି ଜଗତରେ ଅନେକ ମହତ୍ କାର୍ଯ୍ୟ କରିଥିଲେ । ଜଣେ ଖଞ୍ଜା ଲୋକଙ୍କୁ ପିତର ଓ ଯୋହନ ଯିରୁଶାଲମର ଦ୍ୱାର ନିକଟରେ ଯୀଶୁଙ୍କ ନାମରେ ସୁସ୍ଥ କରିଥିଲେ । (ପ୍ରେରିତ ୩:୬) ଯୀଶୁଙ୍କ ନାମରେ ଖ୍ୟାତ ପ୍ରବଳ ଭାବେ ବିସ୍ତାରିତ ହେଉଥିବାରୁ ତାହାଙ୍କ ନାମରେ ପ୍ରଚାର ନ କରିବା ନିମନ୍ତେ ମହାଯାଜକମାନେ ପ୍ରେରିତମାନଙ୍କୁ ଧମକ ଦେଇଥିଲେ । (ପ୍ରେରିତ ୪:୭, ୧୦,୧୨) କିନ୍ତୁ ସେହି ନାମ ସକାଶେ ସେମାନେ ତାଡ଼ିତ ହେବେ ବୋଲି ବୁଝି, ସେମାନେ ସେହି ନାମ ସକାଶେ ଆନନ୍ଦରେ କ୍ଳେଶ ସହ୍ୟ କରିଥିଲେ ।

ପାଉଲ ଯୀଶୁଙ୍କ ନାମ ବିନଷ୍ଟ କରିବା ନିମନ୍ତେ ଅନେକ ଚେଷ୍ଟା କଲେ ସୁଦ୍ଧା (ପ୍ରେରିତ ୨୬:୯), ସଦାପ୍ରଭୁଙ୍କ ମନୋନୀତ ଏହି ଦାସ ଯୀଶୁଙ୍କ ନାମ ବିଜାତୀୟମାନଙ୍କ ପ୍ରଚାର କରି ସେହି ନାମ ସକାଶେ ଅନେକ କଷ୍ଟ ସହ୍ୟ କରିଥିଲେ । ତାହାଙ୍କ ନାମରେ ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ । ବିଜାତୀୟମାନଙ୍କ ନିକଟରେ ଖ୍ରୀଷ୍ଟଙ୍କ ନାମ ପ୍ରଚାର କରି ସେମାନଙ୍କୁ ନିତ୍ୟ ରାଜ୍ୟର ସଭ୍ୟ କରିଥିଲେ । ସଦାପ୍ରଭୁଙ୍କ ନାମ ମହାନ ଅଟେ । ସେ ତାହାଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ସର୍ବୋତ୍କୃଷ୍ଟ ନାମରେ ଅଧିକାରୀ କରିଅଛନ୍ତି । ତାହାଙ୍କ ଆଜ୍ଞାବହ ଓ ତାହାଙ୍କ ସନ୍ତାନମାନଙ୍କୁ ସେ ଏକ ମହାନ ନାମ ଦେଇଅଛନ୍ତି । ବାକ୍ୟ କହେ, ଆନ୍ତିୟଖିଆରେ ଯେଉଁମାନେ ଖ୍ରୀଷ୍ଟଙ୍କ ଗ୍ରହଣ କରିଥିଲେ, ସେମାନେ "ଖ୍ରୀଷ୍ଟିୟାନ" ବୋଲି ଆଖ୍ୟାତ ହେଲେ (ପ୍ରେରିତ ୧୧:୨୬) । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬)

ଆପଣଙ୍କ ପିତାମାତା ଦତ୍ତ ଆପଣଙ୍କ ନାମ ବିଷୟରେ ଆପଣଙ୍କ ଅଭିପ୍ରାୟ କଅଣ ? ତାହା ସୁମଧୁର ହୋଇପାରେ, କିଅବା ନ ହୋଇପାରେ, କିନ୍ତୁ ଆପଣ ଯଦି ଖ୍ରୀଷ୍ଟଙ୍କ ନାମ ଧାରଣ କରିନାହାନ୍ତି । ଆପଣଙ୍କ ଜୀବନ ବ୍ୟର୍ଥ । ଆପଣ ଖ୍ରୀଷ୍ଟଙ୍କ ନାମ ଧାରଣ କରି ବିଶ୍ୱସ୍ତ ଜୀବନଯାପନ କଲେ, ପରମେଶ୍ୱରଙ୍କ ଜୀବନ ପୁସ୍ତକରେ ଆପଣଙ୍କ ନାମ ଲିଖିତ ହେବ । ଯୀଶୁ ଆପଣା ଶିଷ୍ୟମାନଙ୍କୁ

କହିଲେ, "ଆମ୍ଭମାନେ ଯେ ତୁମ୍ଭମାନଙ୍କର ବଶୀଭୂତ ଅଟନ୍ତି । ଏଥିରେ ଆନନ୍ଦ କର ନାହିଁ । କିନ୍ତୁ ତୁମ୍ଭମାନଙ୍କ ନାମ ଯେ ସ୍ୱର୍ଗରେ ଲେଖାଅଛି, ଏଥିରେ ଆନନ୍ଦ କର ।" (ଲୂକ ୧୦:୨୦)

ଫିଲୀପୀୟ ମଣ୍ଡଳୀରେ ଇୟଦିୟା ଓ ସୁନ୍ତୁଖୀ ମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ହୋଇଅଛି ବୋଲି ପାଉଲ (ଫିଲିପୀୟ ୪:୩) ପଦରେ ଲେଖିଅଛନ୍ତି । ଶେଷ ଦିନରେ ଯେଉଁମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ନଥିବ ସେମାନେ ଅଗ୍ନିମୟ ହ୍ରଦରେ ନିକ୍ଷିପ୍ତ ହେବେ । (ପ୍ରକାଶିତ ୨୦:୧୫) । ଆପଣଙ୍କ ନାମ କି ସେଠାରେ ଲିଖିତ ଅଛି ?

***-Kabita Gootam***

❋❋❋

# ଆତ୍ମିକ ଆଶୀର୍ବାଦ

## (Spiritual Blessings)

ଯାକୁବ ୧:୧୭ ପଦରେ ଲେଖାଯାଏ, "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଉର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" ପ୍ରତିଦିନ ଆମ୍ଭେମାନେ ଅନେକ ପ୍ରକାର ଆଶୀର୍ବାଦ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କ ଠାରୁ ପାଇଥାଉଁ । ତାହାଙ୍କ ଠାରୁ ବିବିଧ ଆଶୀର୍ବାଦ ହେତୁ ଆମ୍ଭମାନଙ୍କ ଜୀବନ ଏହି ଜଗତରେ ସମ୍ଭବପର ହୋଇଆସୁଅଛି । ଆମ୍ଭମାନଙ୍କ ଶ୍ୱାସର ପବନ, ଜଳ, ଖାଦ୍ୟ, ବସତି ସମସ୍ତ ସଦାପ୍ରଭୁଙ୍କ ଦାନ ଅଟେ ।

ଏହିସବୁ କେବଳ ପାର୍ଥୀବ ଆଶୀର୍ବାଦ । କାରଣ ଏହି ସମସ୍ତ ବିଷୟ ଆମ୍ଭମାନଙ୍କ ଶାରୀରିକ ଆବଶ୍ୟକତା ପୂରଣ କରେ । ଏପରି ଆଶୀର୍ବାଦ ପୃଥିବୀର ପ୍ରତ୍ୟେକ ବର୍ଗର ମନୁଷ୍ୟ ପ୍ରାପ୍ତ ହୁଅନ୍ତି । ଏଥି ନିମନ୍ତେ ଆମ୍ଭେମାନେ ତାହାଙ୍କ ପ୍ରତି କୃତଜ୍ଞତା ଅର୍ପଣ କରୁ । ଯୀଶୁ କହିଲେ, "ଯେପରି ତୁମ୍ଭେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ହେବ, ସେ ତ' ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି, ପୁଣି ଧାର୍ମିକ ଓ ଅଧାର୍ମିକମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି ।" (ମାଥିଉ ୫:୪୫)

ଆଉ ଅନ୍ୟ ଏକ ପ୍ରକାର ଆଶୀର୍ବାଦ ସଦାପ୍ରଭୁ ଆମ୍ଭମାନଙ୍କ ପ୍ରତି ଦିଅନ୍ତି, ତାହା ହେଲା :- ଆତ୍ମିକ ଆଶୀର୍ବାଦ - ଯାହା ସମସ୍ତଙ୍କ ପ୍ରାପ୍ତ ନୁହେଁ । ପ୍ରେରିତ ପାଉଲ କହନ୍ତି,"ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫିସୀ ୧:୩) ଆତ୍ମିକ ଆଶୀର୍ବାଦ କେବଳ ଖ୍ରୀଷ୍ଟଙ୍କ ଠାରେ ଅଛି, ଯେଉଁମାନେ ତାହାଙ୍କ ଠାରେ ରହନ୍ତି, ସେମାନେ ତାହା ପ୍ରାପ୍ତ ହେବେ । ଖ୍ରୀଷ୍ଟଙ୍କ ଠାରେ ପ୍ରାପ୍ତ ହେଉଥିବା ଆଶୀର୍ବାଦଗୁଡ଼ିକ ହେଲା :-

୧) ସମ୍ମିଳନ (Reconciliation):- "ଦେଖ, ସଦାପ୍ରଭୁଙ୍କର ହସ୍ତ ଛୋଟ ହୋଇଯାଇନାହିଁ ଯେ, ତାହା ପରିତ୍ରାଣ କରି ନ ପାରେ, କିଅବା ତାହାଙ୍କର କର୍ଣ୍ଣ ଭାରୀ ହୋଇନାହିଁ, ଯେ ତାହା ଶୁଣି ନ ପାରେ । ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ । (ଯିଶାଇୟ ୫୯:୧-୨) ମନୁଷ୍ୟ ପାପ କଲେ, ପରମେଶ୍ୱରଙ୍କ ସହିତ ସମ୍ବନ୍ଧ ତୁଟିଯାଏ । ତାହାଙ୍କ ସହିତ ପୁନଃମିଳିତ ହେବା ନିମନ୍ତେ ସଦାପ୍ରଭୁ ଏକ ମାର୍ଗ ଆମ୍ଭମାନଙ୍କୁ ଦର୍ଶାଇ ଅଛନ୍ତି । ଏହା ହିଁ ସମ୍ମିଳନ । ଏତଦ୍ୱାରା ପାପୀ ମନୁଷ୍ୟ ପୁନଃର୍ବାର ସଦାପ୍ରଭୁଙ୍କ ସହିତ ସମ୍ବନ୍ଧ ରଖିପାରିବ । ବାକ୍ୟ କହେ,"........ସେହି ସମ୍ମିଳନର ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ଜଗତକୁ ଆପଣା ସହିତ ସମ୍ମିଳନ କରୁଥିଲେ........" (୧ କରିନ୍ଥୀ ୫:୧୯) କଲସୀ ୧:୨୧-୨୨) ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ସହିତ ସମ୍ମିଳନ ସାଧ ହୁଏ । ଈଶ୍ୱରଙ୍କ ସହିତ ସମ୍ବନ୍ଧ ରଖିବା ନିମନ୍ତେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ଠାରେ ରହିବା ଆବଶ୍ୟକ ।

୨) ମୁକ୍ତି (Redemption) :- ପାପୀ ମନୁଷ୍ୟ, ପାପର ଦାସ । (ରୋମୀୟ ୬:୧୬) ପାପର ବେତନ ମୃତ୍ୟୁ (ରୋମୀୟ ୬:୨୩) ସଦାପ୍ରଭୁଙ୍କ ନିକଟକୁ ଫେରି ଆସିବା ଅତ୍ୟାବଶ୍ୟକ । ପାପରୁ ମୁକ୍ତିପ୍ରାପ୍ତ ହୋଇ ସଦାପ୍ରଭୁଙ୍କ ନିକଟକୁ ଫେରି ଯାଇପାରୁ । "Redemed" ବା "ମୁକ୍ତ"ର ଅର୍ଥ "ପୁନଃକ୍ରୀତ" । ସଦାପ୍ରଭୁ ପୁନଃର୍ବାର ଆମ୍ଭମାନଙ୍କୁ କିଣିବାକୁ ଚାହାନ୍ତି । ଆମ୍ଭମାନଙ୍କୁ କିଣିବା ନିମନ୍ତେ "ଖ୍ରୀଷ୍ଟଙ୍କ ରକ୍ତ" ଆବଶ୍ୟକ । ଖ୍ରୀଷ୍ଟ ଆମ୍ଭମାନଙ୍କ ପାପର ମୂଲ୍ୟ ଆପଣା ମରଣ ଦ୍ୱାରା ଦେଇଅଛନ୍ତି,"ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛି ।"

(ଏଫିସୀୟ ୧:୭, ରୋମୀୟ ୩:୨୩-୨୪) ସେହି ମୁକ୍ତି ଖ୍ରୀଷ୍ଟଙ୍କ ଠାରେ ଅଛି ।

୩) ପରିତ୍ରାଣ (Salvation):- ଯୀଶୁ କହିଲେ,"କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟପୁତ୍ର ଆସିଅଛନ୍ତି ।" (ଲୁକ ୧୯:୧୦) ଏହି ବାକ୍ୟ ପାପୀ ମନୁଷ୍ୟ ହଜିଯାଇଅଛି ଓ ତାହାଙ୍କୁ ଖୋଜି ରକ୍ଷା କରିବାକୁ ଯୀଶୁ ଚାହାନ୍ତି ବୋଲି ଜାଣିପାରୁ । ମନୁଷ୍ୟ ପାପ କରି ପଥହରା ହୋଇଅଛି ।"ସମସ୍ତେ ତ' ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩) । ପାପର ବେତନ ମୃତ୍ୟୁ (୬:୨୩) ତାହା ମନୁଷ୍ୟଙ୍କୁ ଚିରକାଳ ନିମନ୍ତେ ପରମେଶ୍ୱରଙ୍କ ଠାରୁ ଦୂରରେ ରଖେ । ପରିତ୍ରାଣ ଆମ୍ଭମାନଙ୍କୁ ଅତ୍ୟାବଶ୍ୟକ । ସଦାପ୍ରଭୁ ସେହି ପରିତ୍ରାଣର ମାର୍ଗ ପ୍ରକଟ କରିଅଛନ୍ତି । "ଅତଏବ, ମନୋନୀତ ଲୋକମାନେ ମଧ୍ୟ ଯେପରି ଅନନ୍ତ ଗୌରବ ସହିତ ଖ୍ରୀଷ୍ଟଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ଏଥିପାଇଁ ମୁଁ ସେମାନଙ୍କ ନିମନ୍ତେ ସମସ୍ତ ବିଷୟ ଧୈର୍ଯ୍ୟ ଧରି ସହ୍ୟ କରୁଅଛି ।" (୨ ତୀମଥି ୨:୧୦) ପରିତ୍ରା ଖ୍ରୀଷ୍ଟଙ୍କ ଠାରେ ଅଛି ।

୪) ନୂତନ ସୃଷ୍ଟି (A New Creation) :- ପ୍ରେରିତ ପାଉଲ ଲେଖନ୍ତି, "ସଚେତନ ହୋଇ ଜାଗ୍ରତ ରୁହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।" (୧ମ ପିତର ୫:୮) ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଶୟତାନ ପାପମୟ ଜୀବନକୁ ଟାଣିନେବାକୁ ସଦା ଚେଷ୍ଟିତ । ଆମ୍ଭେମାନେ ପାପମୟ ଜୀବନରୁ, କଳଙ୍କମୟ ଜୀବନରୁ ମୁକ୍ତ ହୋଇ ନୂତନ ଜୀବନଯାପନ କରିପାରିବା । "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି ।" (୨ କରିନ୍ଥୀ ୫:୧୭) । ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ ରହିଲେ ହେଁ, ନୂତନ ସୃଷ୍ଟି ହୋଇପାରିବା ।

୫) ଅନନ୍ତ ଜୀବନ (Eternal life):- ଏହି ଜଗତରେ ମନୁଷ୍ୟର ଜୀବନ ସୀମା ଅତି ସୀମିତ । "କିନ୍ତୁ କାଲି କଅଣ ଘଟିବ, ତାହା ତ ତୁମ୍ଭେମାନେ ଜାଣ ନାହିଁ । ତୁମ୍ଭମାନଙ୍କର ଜୀବନ କଅଣ ? କ୍ଷଣକେ ଦୃଶ୍ୟ ହୋଇ ଅଦୃଶ୍ୟ ହୁଏ ଯେଉଁ ବାଷ୍ପ, ତୁମ୍ଭେମାନେ ତ ତାହା ସଦୃଶ୍ୟ ।" (ଯାକୁବ ୪:୧୪) ମନୁଷ୍ୟ ଏ ଜଗତରେ ଜନ୍ମେ, କେତେବର୍ଷ ଜୀବନଯାପନ କରେ ଓ ମୃତ୍ୟୁ ଭୋଗେ । ମନୁଷ୍ୟ, ୭୦/୮୦/୯୦ କିଅବା ୧୦୦ ବର୍ଷ ବଞ୍ଚେ । ଅନନ୍ତଜୀବନ ତୁଳନାରେ ଏହି ଜୀବନ କେତେ ଛୋଟ । ଖ୍ରୀଷ୍ଟଙ୍କ ଠାରେ ଜୀବନଯାପନ କରିବା, ବ୍ୟକ୍ତିମାନଙ୍କୁ ସଦାପ୍ରଭୁ ନିତ୍ୟ

ଜୀବନ ପ୍ରତିଜ୍ଞା କରିଅଛନ୍ତି । (ଯୋହନ ୩:୧୭-୧୬) । ନିତ୍ୟ ଜୀବନର ଅନ୍ତ ନାହିଁ । ଏହି ଅନନ୍ତ ଜୀବନ ମନୁଷ୍ୟ କିପରି ପ୍ରାପ୍ତ ହୁଏ ? ଖ୍ରୀଷ୍ଟଙ୍କ ଠାରେ ରହିବା ଦ୍ୱାରା ବାକ୍ୟ କହେ, "ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।" (ରୋମୀୟ ୬:୨୩)

ସମସ୍ତ ଆତ୍ମିକ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ନିହିତ ଅଛି ।

| ଆଶୀର୍ବାଦ | କେଉଁଠାରେ | ଶାସ୍ତ୍ରର ବାକ୍ୟ |
|---|---|---|
| ସମ୍ମିଳନ | ଖ୍ରୀଷ୍ଟଙ୍କଠାରେ | ୨ କରିନ୍ଥୀ ୫:୧୯ |
| ମୁକ୍ତି | ଖ୍ରୀଷ୍ଟଙ୍କଠାରେ | ଏଫିସୀ ୧:୭ |
| ପରିତ୍ରାଣ | ଖ୍ରୀଷ୍ଟଙ୍କଠାରେ | ୨ ତୀମଥି ୨:୧୦ |
| ନୂତନ ସୃଷ୍ଟି | ଖ୍ରୀଷ୍ଟଙ୍କଠାରେ | ୨ କରିନ୍ଥୀ ୫:୧୭ |
| ଅନନ୍ତ ଜୀବନ | ଖ୍ରୀଷ୍ଟଙ୍କ ଠାରେ | ରୋମୀୟ ୬:୨୩ |

ଆପଣ କି ଆତ୍ମିକ ଆଶୀର୍ବାଦ ପ୍ରାପ୍ତ ହେବାକୁ ଇଚ୍ଛୁକ ? ଆତ୍ମିକ ଆଶୀର୍ବାଦ ଯାହାଙ୍କ ଠାରେ ପ୍ରାପ୍ତ ହୋଇପାରିବ, ତାହାଙ୍କ ନିକଟକୁ ଆସ ! ପାପ ମନୁଷ୍ୟ କିପରି ପରମେଶ୍ୱରଙ୍କ ନିକଟକୁ ଆସିପାରେ ? ପାଉଲ କହନ୍ତି, ''ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? (ରୋମୀୟ ୬:୩) । ''ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୭) । ପାପୀ ମନୁଷ୍ୟ ମନପରିବର୍ତ୍ତନ କରି ବାପ୍ତିଜିତ ହୋଇ ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରେ ।

ଆପଣ ଯଦି ଖ୍ରୀଷ୍ଟଙ୍କ ଠାରେ ନାହାନ୍ତି, ଆପଣ ଆତ୍ମିକ ଆଶୀର୍ବାଦର ଅଧିକାରୀ ନୁହନ୍ତି । ଆପଣ ଯଦି ତାହାଙ୍କ ନାମରେ ବାପ୍ତିଜିତ ହୋଇନାହାନ୍ତି, ତାହାଙ୍କ ଠାରେ ନାହାନ୍ତି । ବାପ୍ତିଜିତ ହେବାକୁ ବର୍ତ୍ତମାନ ହିଁ ଉପଯୁକ୍ତ ସମୟ ବୋଲି କି ଆପଣ ମନେ କରୁନାହାନ୍ତି ?

ବନ୍ଧୁ, ମୁଁ ଆପଣଙ୍କୁ ପରମେଶ୍ୱରଙ୍କ ପରିବାରରେ ସଂଯୁକ୍ତ ହେବାକୁ ଆହ୍ୱାନ କରେ । ସ୍ୱର୍ଗରେ ମୁଁ ଆପଣଙ୍କ ସହିତ ନିଶ୍ଚିତ ଭାବେ ସାକ୍ଷାତ କରିବି ।

***-Alfred. A. Meeks Sr.***

❋❋❋

# ଆମ୍ଭମାନଙ୍କ ଆପଣା ହାନ୍ନା

## (There are Annas Among us !)

ସେ ଏକ ସାଧାରଣ ଯିହୂଦୀୟ କନ୍ୟା ! ଆଖିରେ ଥିଲା ସୁନ୍ଦର ଭବିଷ୍ୟତର ସ୍ୱପ୍ନ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ କେବଳ ସାତବର୍ଷ ସ୍ୱାମୀ ସୁଖ ଅନୁଭବ କଲା ପରେ ବିଧବାର ବସ୍ତ୍ର ଧାରଣ କଲେ । ତାହାଙ୍କ ସୁନ୍ଦର ସ୍ୱପ୍ନ ଭାଙ୍ଗି ଯାଇଥିଲା, ତାହାଙ୍କ ଜୀବନ ଶୂନ୍ୟ ଓ ଏକାନ୍ତ ହୋଇଯାଇଥିଲା ।

ଚଉରାଅଶି ବର୍ଷ ବୟସ୍କ ହାନ୍ନାଙ୍କୁ, ଲୁକ ଆମ୍ଭମାନଙ୍କୁ ୨ୟ ଅଧ୍ୟାୟ ୩୬-୩୮ ପଦଗୁଡ଼ିକରେ ପରିଚୟ ଦିଅନ୍ତି । ତାଙ୍କର ଷାଠିଏ ବର୍ଷ ବୈଧବ୍ୟ ବିଷୟରେ ବାକ୍ୟ ମୌନ ରହିଅଛି, ତଥାପି ନିରାଶ, ଏକାକୀ ହାନ୍ନା ସଦାପ୍ରଭୁଙ୍କ ଠାରେ ଆଶ୍ରୟ ନେଇଥିଲେବୋଲି ଆମ୍ଭେମାନେ ବୁଝିପାରୁ । ସୁସଂକଳ୍ପିତ ସୁଦୃଢ଼ ହାନ୍ନା ସଦାପ୍ରଭୁଙ୍କ ଏକ ସୁଦକ୍ଷ ଭାବବାଦିନୀ ଥିଲେ । ସମୟ, ଅଶ୍ରୁଜଳ, ଏବଂ ବିଶ୍ୱାସ ଏପରି ସ୍ତ୍ରୀକୁ ଗଢ଼ିପାରେ ।

ହାନ୍ନା, ତାହାଙ୍କ ଉଦ୍ଧାର କର୍ତ୍ତାଙ୍କ ଆଗମନର ଅପେକ୍ଷାରେ ଥିବା ସମୟରେ ସଦାପ୍ରଭୁଙ୍କ ପରିଚର୍ଯ୍ୟା ଓ ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନାରେ ସମୟ ବିତାଉଥିଲେ । ଚଉରାଅଶି ବର୍ଷର ବୃଦ୍ଧା ସ୍ତ୍ରୀ ଶାରୀରିକ ଭାବେ ଦୁର୍ବଳ, ହେଲେ ସୁଦ୍ଧା ସେ ଆତ୍ମିକ ଭାବେ ସୁଦୃଢ଼, ଜ୍ଞାନୀ, ଦୟା ଓ ପ୍ରେମପୂର୍ଣ୍ଣ ସ୍ତ୍ରୀ ଥିଲେ ବୋଲି ଈଶ୍ୱରଙ୍କ ବାକ୍ୟରେ ତାହାଙ୍କୁ ସ୍ଥାନ ଦିଆଯାଇଅଛି । ଉଦ୍ଧାରକର୍ତ୍ତାଙ୍କ ଅପେକ୍ଷାରେ ଥିବା ହୃଦୟ ଦୟା ଓ ପ୍ରେମପୂର୍ଣ୍ଣ ଥାଏ ।

ହାନ୍ନାଙ୍କ ସଦୃଶ୍ୟ ସ୍ତ୍ରୀମାନେ ଆମ୍ଭମାନଙ୍କ ନିମନ୍ତେ କେତେ ଆଶୀର୍ବାଦଯୁକ୍ତ । ଆମ୍ଭମାନଙ୍କ ମଧ୍ୟରେ ଥିବା ଜ୍ଞାନୀ, ପ୍ରେମୀ, ପରିଚର୍ଯ୍ୟାକାରିଣୀ ହାନ୍ନାମାନେ ଆମ୍ଭମାନଙ୍କ ଜୀବନ ନିମନ୍ତେ ଆଦର୍ଶର ପ୍ରତିମୂର୍ତ୍ତୀ ଅଟନ୍ତି । ସେମାନଙ୍କ ପ୍ରାର୍ଥନାର ଆଶୀର୍ବାଦ ଦ୍ୱାରା ଆମ୍ଭମାନଙ୍କ ଜୀବନ ବହୁଳଭାବେ ଫଳପ୍ରଦ ହୋଇଥାଏ । ଆମ୍ଭମାନଙ୍କ ମଧ୍ୟରେ ଥିବା ଆମ୍ଭମାନଙ୍କ ଆପଣାର ବୃଦ୍ଧାମାନଙ୍କ ନିକଟରେ ଆମ୍ଭେମାନେ ଋଣୀ ଅଟୁ ।

***- Jane Maynard***

❋ ❋ ❋

# ଖ୍ରୀଷ୍ଟଙ୍କୁ ଅନୁସରଣ କରିବା
## (Following Jesus)

ଅନେକ ଆପଣାକୁ ଯୀଶୁଖ୍ରୀଷ୍ଟଙ୍କ ଅନୁଚର ବୋଲି ମନେ କରନ୍ତି । ଯୀଶୁଖ୍ରୀଷ୍ଟଙ୍କୁ ଅନୁସରଣ କରିବା ଠାରୁ ଶ୍ରେଷ୍ଠତର ଜୀବନ ଆଉକିଛି ନାହିଁ । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ହିଁ ଆମ୍ଭେମାନେ ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା । (ଯୋହନ ୩:୧୫,୧୬,୧୪:୬) ଖ୍ରୀଷ୍ଟୀୟ ଜୀବନ ଯଦିଓ ଉତ୍କୃଷ୍ଟତମ ଜୀବନ, ଏହା ସହଜ ନୁହେଁ । ଯୀଶୁ କହିଲେ,''ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ । କାରଣ ଯେକେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ, ସେ ତାହା ହରାଇବ, କିନ୍ତୁ ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ । (ମାଥିଉ ୧୬:୨୪-୨୫) ତାହାଙ୍କ ଅନୁସରଣକାରୀମାନେ ପୂର୍ଣ୍ଣ ହୃଦୟରେ ପୂର୍ଣ୍ଣ ବିବେକରେ ତାହାଙ୍କ ଅନୁସରଣ କରନ୍ତୁ ବୋଲି ଯୀଶୁଖ୍ରୀଷ୍ଟ ଇଚ୍ଛା କରନ୍ତି । ଲୁକ ୯:୫୭-୬୨ରେ ପ୍ରଭୁ କହନ୍ତି,''ସେମାନେ ବାଟରେ ଯାଉଥିବା ସମୟରେ ଜଣେ ଲୋକ ତାହାଙ୍କୁ କହିଲେ, ଆପଣା ଯେକୌଣସି ସ୍ଥାନକୁ ଯିବେ ମୁଁ ଆପଣଙ୍କ ଅନୁଗମନ କରିବି । ଯୀଶୁ ତାହାଙ୍କୁ କହିଲେ, କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ । ପୁଣି, ସେ ଆଉ ଜଣକୁ କହିଲେ, ମୋହର ଅନୁଗମନ କର । କିନ୍ତୁ ସେ କହିଲେ, ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । ମାତ୍ର ସେ ତାହାଙ୍କୁ କହିଲେ,ମୃତମାନଙ୍କୁ ଆପଣା ମୃତଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ିଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର । ଆଉ ଜଣେ ମଧ୍ୟ କହିଲେ, ପ୍ରଭୋ ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର ଗୃହରେ ଥିବା ଲୋକମାନଙ୍କ ଠାରେ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କର ରାଜ୍ୟର ଯୋଗ୍ୟ ନୁହେଁ ।''

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, ''ଅତଏବ, ପ୍ରଭୁଙ୍କ ହେତୁ ବନ୍ଦୀ ଯେ ମୁଁ, ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ ହୋଇଅଛ, ସେଥିର ଯୋଗ୍ୟରୂପେ ଆଚରଣ କର । ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା, ଓ ଦୀର୍ଘ ସହିଷ୍ଣୁତା ସହ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ, ଶାନ୍ତିରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ ।'' (ଏଫିସୀ ୪:୧-୩) ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ଏହି ପାର୍ଥିବ ଜୀବନରୁ ଅନନ୍ତଜୀବନକୁ କଢ଼ାଇ ନେବେ । ଏହି ପଥ ସଂକୁଚିତ, ଦୁର୍ଗମ, କିନ୍ତୁ ଆମ୍ଭମାନଙ୍କ ସାହାଯ୍ୟକାରୀ ଓ ଉଦ୍ଧାରକର୍ତ୍ତା ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ସହବର୍ତ୍ତୀ ଅଟନ୍ତି । (ମାଥିଉ ୭:୧୩,୧୪, ୨୮:୨୦ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଜୀବନରୂପ ମୁକୁଟ ପାଇପାରିବା । (ପ୍ରକାଶିତ ୨:୧୦)

***- Wayne Barrier***

❋❋❋

## ନିରୁତ୍ସାହକୁ ଜୟ କରୁ !

### ( Overcoming Discouragement)

ଆପଣ ମଧ୍ୟ ନିଶ୍ଚିତଭାବେ କେବେ ନା କେବେ ନିରୁତ୍ସାହିତ ହୋଇଥିବେ ! ଏହା ତ ଏକ ସାଧାରଣ ସମସ୍ୟା ଭାବବାଦୀ ଏଲିୟ ଆପଣା ସଂଗ୍ରାମରେ ଏକାନ୍ତ ହୋଇ ନିରୁତ୍ସାହିତ ହୋଇଥିଲେ । (୧ମ ରାଜା ୧୯:୮) ଅନେକ ସମୟରେ ମହାରାଜ ଦାଉଦ କ୍ଳାନ୍ତ ଓ ନିରୁତ୍ସାହିତ ହେଉଥିଲେ । କିନ୍ତୁ ସେହି ପରିସ୍ଥିତିରୁ ସେ ଜୟୀ ହେଉଥିଲେ । ତାହାଙ୍କ ବିଷୟରେ ବାକ୍ୟ କହେ, ''ଏଥିରେ ଦାଉଦ ଅତିଶୟ ଉଦ୍‌ବିଗ୍ନ ହେଲେ, ....ମାତ୍ର ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଠାରେ ଆପଣାକୁ ସବଳ କଲେ ।

ଏହି ବାକ୍ୟରୁ ଆମ୍ଭେମାନେ ନିରୁତ୍ସାହିତକୁ କିପରି ପରାଜୟ କରି ପାରିବା ଜାଣିପାରିବା ।

**୧) ଏକାନ୍ତଭାବେ ପ୍ରଭୁଙ୍କ ସାନ୍ନିଧ୍ୟକୁ ଯାଉ :–** ନିରୁତ୍ସାହିତକୁ ଜୟ କରିବା ନିମନ୍ତେ ଏହା ଆମ୍ଭମାନଙ୍କ ପ୍ରଥମ ଅସ୍ତ୍ର । ସଦାପ୍ରଭୁଙ୍କ ସାନ୍ନିଧ୍ୟକୁ ଯାଇ, ଆମ୍ଭମାନଙ୍କ

ହୃଦୟର ସବୁ ବିଷୟ ତାହାଙ୍କୁ ଜଣାଉ । ପ୍ରେରିତ ପାଉଲ କହନ୍ତି, "ତୁମ୍ଭେମାନେ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।" (୧ ପିତର ୫:୭) ଆମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ସାନ୍ନିଧରେ ଢ଼ାଳିଲେ, ଆମ୍ଭେମାନେ ସାନ୍ତ୍ୱନା ପାଇପାରିବା ।

**୨) ପରମେଶ୍ୱରଙ୍କ ଲୋକମାନଙ୍କ ସହଭାଗିତା ଖୋଜିବା :–** ଦାଉଦ, ଅବୀଶୟ ଯାଜକ ନିକଟକୁ ଯାଇଥିଲେ (୨ୟ ଶାମୁୟେଲ ୨୦:୭) ଆମ୍ଭମାନଙ୍କ ଦୁଃଖ, କଷ୍ଟ ଆମ୍ଭମାନଙ୍କ ଆତ୍ମୀୟମାନଙ୍କୁ ଜଣାଇବା ଦ୍ୱାରା ଆମ୍ଭେମାନେ ସାନ୍ତ୍ୱନା ପାଇପାରିବା ।

**୩) ପରମେଶ୍ୱରଙ୍କ ପ୍ରତିଜ୍ଞା ସମୂହକୁ ନିର୍ଭର ରଖିବା :–** ଜୀବନର ଅନ୍ଧକାରର ସମୟରେ ସଦାପ୍ରଭୁଙ୍କ ପ୍ରତିଜ୍ଞା ସମୂହ ଉପରେ ନିର୍ଭର ରଖୁ । ଦାଉଦଙ୍କୁ ସଦାପ୍ରଭୁ କହିଲେ, ".....ପଛେ ପଛେ ଯାଅ, କାରଣ ତୁମ୍ଭେ ନିଶ୍ଚୟ ସେମାନଙ୍କର ସଙ୍ଗ ଧରିବ ଓ ବିଫଳ ନହୋଇ ସମସ୍ତଙ୍କୁ ଉଦ୍ଧାର କରିବ ।" (୧ମ ଶାମୁୟେଲ ୩୦:୮) । ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କୁ ଅନେକ ପ୍ରତିଜ୍ଞା କରିଅଛନ୍ତି, ".....ସେ ସମସ୍ତର ହଁ ତାହାଙ୍କ ଠାରେ ଅଛି......" (୨ୟ କରିନ୍ଥୀ ୧:୨୦) ତାହାଙ୍କ ଦତ୍ତ ପ୍ରତିଜ୍ଞା ଗୋଟିଏ ମଧ୍ୟ ବିଫଳ ହୋଇନାହିଁ କି ବିଫଳ ହେବ ନାହିଁ । (ମାର୍କ ୧୩:୩୧) ନିରୁତ୍ସାହରୁ ଜୟ କରିବା ନିମନ୍ତେ ସଦାପ୍ରଭୁଙ୍କ ପ୍ରତିଜ୍ଞା ଠାରୁ ବଳି ଆଉ କିଛି କି ଅଛି ?

**୪) ସଦାପ୍ରଭୁଙ୍କ ଅନୁଗ୍ରହ ନ ପାଶୋର :–** ଯଦିଓ ଦାଉଦ ଦୁଃଖ, କଷ୍ଟ ଓ ନିରୁତ୍ସାହିତ ଥିଲେ, ତଥାପି ସଦାପ୍ରଭୁ ତାହାଙ୍କ ବିଷୟରେ ଚିନ୍ତା କରୁଥିଲେ । ପ୍ରେମରେ ତାହାଙ୍କ ନିମନ୍ତେ ବିଜୟ ଯୋଜନା କରୁଥିଲେ । (୧ମ ଶାମୁୟେଲ ୩୦:୧୧-୧୬) ଈଶ୍ୱର ସମସ୍ତ ବିଷୟ ଆମ୍ଭମାନଙ୍କ "ମଙ୍ଗଳ ସାଧନ ନିମନ୍ତେ" କରନ୍ତି ବୋଲି ନ ପାଶୋରୁ ! (ରୋମୀୟ ୮:୨୮)

His Love in time past
Forbids us to think
He'll leave us at last
In trouble to sink.

*-Roger Johnson*

❋❋❋

Edited & Published by : Kabita & Joshua Gootam

# THE GOODNESS AND SEVERITY OF GOD

Romans 1:13-23

**BODY :**

**I. God has always been and still is good to mankind.**

A. There is ample evidence of God's past Goodness to men.

1. The world was created Good (Genesis 1:4,10,12,18, 21, 25, 31)
2. After the Flood-God's further assurances (Genesis 8:22).

**B. God's elaborate scheme of Redemption.**

1. Begins with God's call to Abram (Genesis 12:1-3).
2. Explanations : A Chosen nation – Future World Blessings (Genesis 12:7).
3. Promised Land (Genesis 12:2,3). Given – (Joshua 21:43-45).
4. Justice to the sinful Amorites (Genesis 15:16).
5. Promised Saviour (Deuteronomy 18:15-18; Matthew 1:21,25).
6. The Supreme and Complete Sacrifice – Christ, comes; (John 1:1-4, 14 with 11,12 plus 3:16 and 1 John 3:1).

**C. And, God's Goodness continues.**

1. Goodness to all (Matthew 5:45).
2. "Whosoever will..." (Revelation 2:17).
3. Provides both a map and a compass (Psalm 119:105).
4. Church built for Fellowship and Comfort.
5. Prayer – Speaking with our Maker!!
6. Beauty and Power of our Creator all around us.
7. Plus : Assurance of Heaven and Warnings of Hell!

**How Great His Goodness!!**

**II. But God is also Severe with mankind!**

A. God's severity is too frequently overlooked in this Christian Age! Shocks some.

1. Mostly men act as though God will not deal with them Severely. The Bible indicates otherwise.

a. Adam and Eve (Genesis 3).
b. Those to whom Noah preached for 120 years (Genesis 6).
c. Cities of Sodom and Gomorrah (Genesis 19).
d. Israelites who died in the Wilderness.
e. Ananias and his wife Sapphira (Acts 5) and many other examples.

2. Many act in this way today! I've heard men say. "If I do go to Hell – so what, I'll have lots of mates"!!

These have not carefully considered the Bible picture of Hell.

B. **Even some Christians doubt the severity of God!**

1. The Flood – this was a world-wide catastrophe!!
2. Sodom and Gomorrah – cities wiped out completely!! (Hiroshima.)
3. Jewish Nation-Totally Rejected! Population scattered world wide!!
4. "Oh, but that was before the Cross." Then. I Thessalonians 4:14-18 will likely be quoted. to apply to good living, though non-Christians.

We can't pick and choose our Bible passages as though picking through a bowl of fruit. The passage mentioned was written to those who have obeyed the Gospel. The same God who comforts them, warns the non-Christian in 2 Thessalonians 1:7-9. Jesus warns them, too (Matthew 25:14-30). Make no mistake-Our Good God, is also Severe.

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)